**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**9 July - 2024**

**News Editor : *Itishree Singh Rathaur***

**************************************

## ଶ୍ରୀଜୀଉ-ଆଡପ ମଣ୍ଡପ

ପୁରୀ ଶ୍ରୀକ୍ଷେତ୍ରରେ ଆଜି ରଥାରୁଢ଼ ଶ୍ରୀଜୀଉମାନଙ୍କୁ ସନ୍ଧ୍ୟା ଆଳତୀ ନୀତି ହେବା ପରେ ଆଡପ ମଣ୍ଡପରେ ବିଜେ କରାଯିବ । ଆସନ୍ତାକାଲିଠାରୁ ଗୁଣ୍ଡିଚା ମନ୍ଦିରରେ ଭକ୍ତମାନଙ୍କୁ ଆଡପ ମହାପ୍ରସାଦ ମିଳିବ । ଗତ ସନ୍ଧ୍ୟାରେ ତିନିରଥ ଶ୍ରୀଗୁଣ୍ଡିଚା ମନ୍ଦିରରେ ପହଞ୍ଚିବା ପରେ ରଥ ଉପରେ ଶ୍ରୀଜୀଉମାନଙ୍କ ସମସ୍ତ ନୀତିକାନ୍ତି କରାଯାଇଥିଲା । ସୁରକ୍ଷା ଦୃଷ୍ଟିରୁ ତିନିରଥକୁ କର୍ଡନ କରି ରଖାଯାଇଛି । ଶ୍ରଦ୍ଧାଳୁମାନେ ତଳେ ଛିଡା ହୋଇ ଶ୍ରୀଜୀଉଙ୍କୁ ଦର୍ଶନ କରୁଛନ୍ତି ।

## ରାଷ୍ଟ୍ରପତି-ଓଡ଼ିଶା ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଓଡ଼ିଶା ଗସ୍ତର ଶେଷ ଦିନରେ ଭୁବନେଶ୍ୱରସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ନାଇଜରର ତ୍ରୟୋଦଶ ଦୀକ୍ଷାନ୍ତ ସମାରୋହରେ ଯୋଗଦେବେ । ଚାରିଦିନିଆ ଓଡ଼ିଶା ଗସ୍ତରେ ଥିବା ରାଷ୍ଟ୍ରପତି ଗତକାଲି ଉଦୟଗିରି ଗୁମ୍ଫା ପରିଦର୍ଶନ ସହ ଭୁବନେଶ୍ୱର ନିକଟସ୍ଥ ହରିଡ଼ାମଡା ଗ୍ରାମରେ ବ୍ରହ୍ମକୁମାରୀମାନଙ୍କ ଦିବ୍ୟ ରିଟ୍ରିଟ୍ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସେ ମା' ପାଇଁ ଗଛଟିଏ ଲଗାଇବାକୁ ସମସ୍ତଙ୍କୁ

ଆହ୍ୱାନ ଦେଇଥିଲେ । ବର୍ତ୍ତମାନର ଯୁଗରେ ଶକ୍ତିର ଅପଚୟକୁ ରୋକିବାର ଆବଶ୍ୟକତା ରହିଛି । ପ୍ରାକୃତିକ ସମ୍ବଳର ସୁରକ୍ଷା ସମସ୍ତଙ୍କ ଗୁରୁଦାୟିତ୍ୱ ବୋଲି ରାଷ୍ଟ୍ରପତି କହିଥିଲେ । ଆଜି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି ।

## ରତ୍ନଭଣ୍ଡାର ବୈଠକ

ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ରତ୍ନଭଣ୍ଡାର କମିଟିର ଆଜି ଦ୍ୱିତୀୟ ବୈଠକ ହେବ । କମିଟି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ରତ୍ନଭଣ୍ଡାର ଖୋଲାଯିବା ନେଇ ଆଲୋଚନା ହେବ ବୋଲି ଜଣାପଡିଛି । ଆଜି ବୈଠକରେ ରତ୍ନଭଣ୍ଡାର ଚାବି ସଂକ୍ରାନ୍ତରେ ଆଲୋଚନା ହେବା ସହ ସେହି ଚାବିକୁ କମିଟି ସାମ୍ନାରେ ଉପସ୍ଥାପନ କରାଯିବ ।

ସୂଚନାଯୋଗ୍ୟ ଗତ ୬ ତାରିଖରେ ଉଚ୍ଚସ୍ତରୀୟ ତଦାରଖ କମିଟି ବୈଠକରେ ସରକାରୀ ଟ୍ରେଜେରୀରେ ଥିବା ରତ୍ନଭଣ୍ଡାରର ଡୁପ୍ଲିକେଟ୍ ଚାବିରେ ରତ୍ନଭଣ୍ଡାରର ତାଲା ଖୋଲାଯାଇ ନ ପାରିଲେ ତାକୁ ଭାଙ୍ଗିବା ପାଇଁ ନିଷ୍ପତ୍ତି ନିଆଯିବ ବୋଲି ଯାଞ୍ଚ କମିଟିର ଅଧ୍ୟକ୍ଷ କହିଥିଲେ। ଏହାପୂର୍ବରୁ ରାଜ୍ୟ ସରକାର ରତ୍ନଭଣ୍ଡାର ଖୋଲିବା ନେଇ ଜଷ୍ଟିସ୍ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଏକ ୧୬ ଜଣିଆ କମିଟି ଗଠନ କରିଥିଲେ। ପରେ ଏହି ପୁରୁଣା କମିଟିକୁ ଭାଙ୍ଗି ନୂଆ କମିଟି ଗଠନ କରାଯାଇଛି । ଏହି ୨୦ଜଣିଆ କମିଟିରେ ଭଣ୍ଡାର ମେକାପ ଓ ଅନ୍ୟ କିଛି ସେବାୟତଙ୍କୁ ସାମିଲ କରାଯାଇଛି ।

## ପ୍ରବେଶିକା ପରୀକ୍ଷା

ରାଜ୍ୟରେ ଥିବା ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ବିଏଡ୍, ଏମ୍‌ଏଡ୍ ଓ ବିଏଚ୍‌ଏଡ୍ ପାଠ୍ୟକ୍ରମ ପାଇଁ ହେବାକୁଥିବା ନାମଲେଖା ପ୍ରବେଶିକା ତାରିଖରେ ପରିବର୍ତ୍ତନ କରାଯାଇଛି । ଚଳିତମାସ ୨୭ ଓ ୨୮ ତାରିଖରେ ଏହି ପରୀକ୍ଷା ହେବ । ପୂର୍ବରୁ ଏହି ପ୍ରବେଶିକା ପରୀକ୍ଷା ୨୪ ଓ ୨୫ ତାରିଖରେ ହେବାର ଥିଲା । ପ୍ରବେଶିକା ପରୀକ୍ଷା ପାଇଁ ଚଳିତମାସ ୨୨ ତାରିଖରୁ ସାମ୍‌ସ ୱେବ୍‌ସାଇଟ୍‌ରେ ଆଡମିଟ କାର୍ଡ ଉପଲବ୍ଧ ହେବ । ରାଜ୍ୟର ୩୧ଟି ଶିକ୍ଷାନୁଷ୍ଠାନରେ ୨ହଜାର ୭୫୦ଟି ଆସନ ପାଇଁ ୯୩ହଜାର ୯୦୭ଜଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି ।

## ଏସ୍‌ସିବି-ଫୋନ୍ ନମ୍ବର ଜାରି

କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ କୌଣସି କର୍ମଚାରୀ ଯଦି ହସ୍ପିଟାଲରେ ଉପଲବ୍ଧ ଥିବା ନିଃଶୁଳ୍କ ସେବା ପାଇଁ ଟଙ୍କା ମାଗନ୍ତି ସେ ସମ୍ପର୍କରେ ଅଭିଯୋଗ କରିବା ଲାଗି କର୍ତ୍ତୃପକ୍ଷ ୨ଟି ଫୋନ୍ ନମ୍ବର ଜାରି କରିଛନ୍ତି । ଏହି ନମ୍ବର ଦୁଇଟି ହେଉଛି ୭୯୭୮୩୩୩୪୯୫ ଓ ୦୬୭୧-୨୯୯୨୭୦୦ । ଶବ ବ୍ୟବଚ୍ଛେଦ ପାଇଁ କର୍ମଚାରୀମାନେ ଟଙ୍କା ମାଗୁଥିବା ଘଟଣା ଜଣାପଡିବା ପରେ ଏହି ନିଷ୍ପତ୍ତି ନିଆଯାଇଛି । ଅଭିଯୋଗ ମିଳିବା ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ସିବି କର୍ତ୍ତୃପକ୍ଷ କହିଛନ୍ତି ।

# ଧାନ ସଂଗ୍ରହ-ପ୍ରଶିକ୍ଷଣ

ରାଜ୍ୟରେ ଆଗାମୀ ଦିନରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ତ୍ରୁଟିଶୂନ୍ୟ କରାଯିବ । ଏନେଇ ଆଜି ଭୁବନେଶ୍ୱର ଲୋକସେବା ଭବନରେ ଭର୍ଚୁଆଲ ମାଧ୍ୟମରେ ମାଷ୍ଟର ଟ୍ରେନରମାନଙ୍କୁ ଖରିଫ ଫସଲ ଧାନ ସଂଗ୍ରହ ନେଇ ପ୍ରଶିକ୍ଷଣ ଦିଆଯିବ ବୋଲି ଜଣାପଡିଛି । ଏଥିରେ ଜିଲ୍ଲାସ୍ତରର ପ୍ରଶିକ୍ଷକମାନେ ତାଲିମ ପାଇବା ପରେ ନିଜ ଜିଲ୍ଲାରେ କୃଷି ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦେବେ । ଧାନ ସଂଗ୍ରହ ପାଇଁ କୃଷକ ପଞ୍ଜିକରଣକୁ ଅଧିକ ଗୁରୁତ୍ୱ ଦିଆଯିବ । ସେହିଭଳି ରାଜ୍ୟର ବିଭିନ୍ନ ମଣ୍ଡିରେ ପେଡି କ୍ଲିନର ମେସିନ୍ ଲାଗିବାକୁ ଯୋଜନା ଥିବା ସୂଚନା ମିଳିଛି । ଖରିଫ ଧାନ ବିକ୍ରି ପାଇଁ ପଞ୍ଜିକରଣ ସମୟରେ ଉପୁଜୁଥିବା ସମସ୍ୟାର ସମାଧାନ ପାଇଁ ଖାଦ୍ୟଯୋଗାଣ ଓ ଖାଉଟୀ କଲ୍ୟାଣ ବିଭାଗ ପକ୍ଷରୁ ଟୋଲ୍ ଫ୍ରି ନମ୍ବର ୧୯୬୭ ଜାରି କରାଯାଇଛି ।

# ବନ୍ୟଜନ୍ତୁ-ସ୍ଥାନାନ୍ତରିତ

ରାଜ୍ୟରେ ବନ୍ୟଜନ୍ତୁଙ୍କ ସଂରକ୍ଷଣ ତଥା ବଂଶ ବୃଦ୍ଧି ପାଇଁ ବିଭିନ୍ନ ଚିଡ଼ିଆଖାନାରୁ ୯୬୫ଜଣ ବନ୍ୟଜନ୍ତୁଙ୍କୁ ସ୍ଥାନାନ୍ତରିତ କରାଯିବ । ସୂଚନା ଅନୁସାରେ ଆସନ୍ତା ୫ ମାସ ମଧ୍ୟରେ ଏହି ପ୍ରକ୍ରିୟା ଶେଷ ହେବ । ଏହି କ୍ରମରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନରୁ ୧୦୦ଟି ଚିତ୍ରା ହରିଣଙ୍କୁ ଢ଼େଙ୍କାନାଳର ଖଣ୍ଡାଧାର ସଂରକ୍ଷିତ ଜଙ୍ଗଲକୁ ସ୍ଥାନାନ୍ତରିତ କରାଯିବ । ସେହିଭଳି ନନ୍ଦନକାନନରୁ ୨୦୦ ଚିତ୍ରା

ହରିଣଙ୍କୁ ସାତକୋଶିଆ ଅଭୟାରଣ୍ୟକୁ ଛଡାଯିବାର ଯୋଜନା ରହିଛି । ଡେବ୍ରିଗଡ ଅଭୟାରଣ୍ୟରୁ ୨୦ଟି ଗୟଳ ଚନ୍ଦକା ଅଭୟାରଣ୍ୟକୁ ସ୍ଥାନାନ୍ତରିତ କରାଯିବ ।

## ପାଣିପାଗ

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୀ ସକ୍ରିୟ ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ଗତକାଲି ବାଙ୍କିରେ ସର୍ବାଧିକ ୧୭୭ ମିଲିମିଟର ବର୍ଷା ରେକର୍ଡ ହୋଇଛି ।